

ଓଁ ଶ୍ରୀ ସାଇରାମ୍

ବୈଦିକ ଜୀବନଚର୍ଯ୍ୟା ଓ ମନ୍ତ୍ର ଆଧାରିତ ପ୍ରକଳ୍ପ

(ଶ୍ରବଣ,ମନନ ଓ ନିଧୃଧାସନ)

# ଦମଶ୍ଚ ସ୍ୱାଧ୍ୟାୟ ପ୍ରବଚନେ ଚ


ପ୍ରକଳ୍ପ ଉପଦେଷ୍ଟା

ଇଂ ସଚ୍ଚିଦାନନ୍ଦ ନାୟକ

ପ୍ରକଳ୍ପ ଉପସ୍ଥାପକ

ଜି.ଅନନ୍ତକୃଷ୍ଣ

# କୃତଜ୍ଞତା

ସାଇନାଥ ଆପଣ ଏହିପରି ଏକ ଗୂଢ ତତ୍ତ୍ୱରେ ପରିପୂର୍ଣ୍ଣ ବିଷୟବସ୍ତୁର ପ୍ରକଳ୍ପକୁ କରିବାର ମାଧ୍ୟମ ଭାବରେ ଚୟନିତ କରିଥିବାରୁ ହୃଦୟର ଗଭୀରତମ ପ୍ରଦେଶର ଆଦ୍ୟ କୃତଜ୍ଞତା ଆପଣଙ୍କ ନିକଟରେ ଅର୍ପଣ କରୁଛି । ପ୍ରତ୍ୟେକଟି ଅକ୍ଷରଠାରୁ ଆରମ୍ଭ କରି ଶବ୍ଦ , ବାକ୍ୟ ତଥା ପଦ / ଅନୁଚ୍ଛେଦ ଏବଂ ସମ୍ପୂର୍ଣ୍ଣପ୍ରକଳ୍ପରେ ଆପଣଙ୍କର ଉପସ୍ଥିତି ଏବଂ ପଥପ୍ରଦର୍ଶନ ତଥା ସ୍ୱୟଂ ନିଜର ସ୍ୱହସ୍ତ ଚାଳନାରେ ମୋ' ହସ୍ତକୁ ଧରି ଲେଖାଇ ଦେଇଥିବା ପ୍ରତ୍ୟେକଟି ଅକ୍ଷରରେ ରହିଛି ଆପଣଙ୍କର ଦିବ୍ୟାଶୀର୍ବାଦ । ଏଥିନିମନ୍ତେ ଆପଣଙ୍କର ପଦ୍ମପୟରରେ ବାରମ୍ବାର ଶତକୋଟି ନମନ ।

ଆପଣଙ୍କ ଦ୍ୱାରା ଚୟନିତ ଆପଣଙ୍କର ଚରଣାଶ୍ରିତ ପୂଜ୍ୟ ଗୁରୁଜନବୃନ୍ଦ ଯେଉଁମାନେ ଏହି ପ୍ରକଳ୍ପର ଅଂଶ ଭାବରେ ରହି ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ନିର୍ଦ୍ଦେଶରେ ମୋତେ ସହଯୋଗ ଓ ସହାୟତା କରିଛନ୍ତି , ସମସ୍ତଙ୍କୁ ଆନ୍ତରିକ ସାଇରାମ ଏବଂ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

**- ସାଇରାମ -**

| କ୍ର.ସଂ | ସୂଚୀପତ୍ର | ପୃଷ୍ଠା ସଂଖ୍ୟା |
|---|---|---|
| ୦୧ | କୃତଜ୍ଞତା | ୦୧ |
| ୦୨ | ସୂଚୀପତ୍ର | ୦୨ |
| ୦୩ | ପ୍ରକଳ୍ପର ନାମ, ଉଦ୍ଦେଶ୍ୟ | ୦୩ |
| ୦୪ | କେଉଁ ବେଦମନ୍ତ୍ର ଉପରେ ଏହି ପ୍ରକଳ୍ପ ଆଧାରିତ | ୦୩ |
| ୦୫ | ପ୍ରକଳ୍ପର ରୂପ | ୦୩ |
| ୦୬ | ଆବଶ୍ୟକ ପ୍ରାମାଣିକ ତଥ୍ୟ ଓ ପ୍ରାମାଣିକତା | ୦୫ |
| ୦୭ | ଉପଭୋକ୍ତା, ଶ୍ରୀସତ୍ୟସାଇ ସଂଗଠନର ଭୂମିକା, ଶ୍ରୀସତ୍ୟସାଇ ବାବାଙ୍କ ଆଶୀର୍ବାଦ ଓ ଦିବ୍ୟ ସମ୍ଭାଷଣ ସହ ସଂପୃକ୍ତି | ୦୬ |
| ୦୮ | ଉପସଂହାର | ୦୮ |
| ୦୯ | ଗ୍ରନ୍ଥସୂଚୀ ଓ  ସମର୍ପଣ | ୦୯ |

## ୧) ପ୍ରକଳ୍ପର ନାମ :– "ଦମଶ୍ଚ ସ୍ୱାଧ୍ୟାୟ ପ୍ରବଚନେଚ"

**୨ପ୍ରକଳ୍ପର ଉଦ୍ଦେଶ୍ୟ :– "ଜନ୍ତୁନାଂନରଜନ୍ମଦୁର୍ଲଭଂ"** ମନୁଷ୍ୟ ହେଉଛି ଏହି ସୃଷ୍ଟିର ଏକ ନିଆରା ଏବଂ ସର୍ବୋତ୍କୃଷ୍ଟ ପ୍ରାଣୀ।ଅନ୍ୟ ଜୀବଜନ୍ତୁମାନଙ୍କ ମଧ୍ୟରେ ନ ଥିବା ବୁଦ୍ଧି ଓ ବିବେଚନା ଶକ୍ତି କେବଳ ମନୁଷ୍ୟକୁ ମାତ୍ର ଦିଆଯାଇଛି ଯେଉଁ ଦ୍ୱାରା ସେ ମୋକ୍ଷପ୍ରାପ୍ତ କରିପାରିବ।ଏହି ମୋକ୍ଷକୁ ପ୍ରାପ୍ତ କରିବା ପାଇଁ ଆମକୁ ଅନେକ ସାଧନା ମାର୍ଗଗୁଡିକ ଦର୍ଶାଯାଇଛି।ଏହି ସାଧନା ମାର୍ଗ ଗୁଡିକ ବେଦ, ଉପନିଷଦ ଏବଂ ଅନ୍ୟାନ୍ୟ ଶାସ୍ତ୍ରୀୟ ପ୍ରମାଣ ମାଧ୍ୟମରୁ ମିଳିଥାଏ।ଯାହାର ସ୍ୱାଧ୍ୟାୟ କରିବା ଦ୍ୱାରା ଯେଉଁ ଶିକ୍ଷା ପ୍ରାପ୍ତ ହୋଇଥାଏ ତାହାକୁ ଆଚରଣରେ ପରିଣତ କରି,ତଦ୍ୱାରା ଯେଉଁ ଅନୁଭୂତିଗୁଡିକୁ ପାଇଥାଉଁ ସେଗୁଡିକୁ ପ୍ରବଚନ ମାଧ୍ୟମରେ ଆମର ପରବର୍ତ୍ତୀ ପିଢ଼ିକୁ ବଢ଼ାଇ ଆମର ସାଧନା ମାର୍ଗକୁ ସଫଳ କରିପାରିବା ହେଉଛି ଏ ପ୍ରକଳ୍ପରମୁଖ୍ୟ ଉଦ୍ଦେଶ୍ୟ।

ମନୁଷ୍ୟ ଜୀବନରେ ଇନ୍ଦ୍ରିୟଗୁଡିକର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ଏହି ଇନ୍ଦ୍ରିୟଗୁଡିକୁ ପଞ୍ଚକର୍ମେନ୍ଦ୍ରିୟ ଏବଂ ପଞ୍ଚ ଜ୍ଞାନେନ୍ଦ୍ରିୟଭାବରେ ବିଭକ୍ତ କରାଯାଇଛି। ଯଥା କାନ (ସ୍ରୋତ୍ର),ଚର୍ମ (ତ୍ୱକ୍) ବା ସ୍ପର୍ଶ,ଆଖି (ଚକ୍ଷୁ),ଜିହ୍ୱା (ରସନ) ଓ ନାକ (ଆଘ୍ରାଣ) ଭାବରେ ପାଞ୍ଚଟି ଜ୍ଞାନେନ୍ଦ୍ରିୟକୁ ସୂଚାଉଥିବାବେଳେ ମୁହଁ (ବାକ୍),ହାତ (ପାଣି),ଗୋଡ (ପାଦ),ଗୁଦା (ପାୟୁ)ଏବଂ ଲିଙ୍ଗ (ଉପସ୍ଥ)ଭାବରେ ପାଞ୍ଚଟି କର୍ମେନ୍ଦ୍ରିୟକୁ ବୁଝାଏ।




**ପଞ୍ଚ ଜ୍ଞାନେନ୍ଦ୍ରିୟ**

ଏହି ଦଶଟି ଇନ୍ଦ୍ରିୟ ମୋକ୍ଷପ୍ରାପ୍ତି ଦିଗକୁ ଆକୃଷ୍ଟ ନହୋଇ ଭୌତିକ ଭୋଗଲାଳସାରେ ଲିପ୍ତ ହୋଇଯାଏ।ଯେଉଁଦ୍ୱାରା ମନୁଷ୍ୟ ଜନ୍ମର ମୁଖ୍ୟ ଲକ୍ଷ୍ୟକୁ ହାସଲ କରିବାରେ ପଛେଇଯାଏ।ମନୁଷ୍ୟ ଆଚରଣ କରୁଥିବା ଅନେକ ସାଧନାମାନଙ୍କ ମଧ୍ୟରୁ ଇନ୍ଦ୍ରିୟ ସଂଯମ ଏକ ପ୍ରମୁଖ ସାଧନା।ଏହାଦ୍ୱାରା ଚିରନ୍ତନ ନିତ୍ୟ ସତ୍ୟ ଆତ୍ମଜ୍ଞାନ ଲାଭ କରି ମୋକ୍ଷପ୍ରାପ୍ତ କରିହେବ।

**୩) କେଉଁ ବେଦମନ୍ତ୍ର ଉପରେ ଏହି ପ୍ରକଳ୍ପ ଆଧାରିତ :–** କୃଷ୍ଣ ଯଜୁର୍ବେଦର "ତୈତ୍ତିରୀୟ ଉପନିଷଦ" ଅନ୍ତର୍ଗତ "ଶିକ୍ଷାବଲ୍ଲୀ" ବେଦର ନବମ ଅନୁବାକରୁ ଉଦ୍ଧୃତ।

**୪)ପ୍ରକଳ୍ପର ରୂପ :–** ତୈତ୍ତରିୟ ଉପନିଷଦ ଅନୁସାରେ ଯେତେବେଳେ ଜଣେ ଛାତ୍ର ଗୁରୁକୂଳ ଶିକ୍ଷା ପ୍ରାପ୍ତ କରି ସାରି ତାହାର ପରବର୍ତ୍ତୀ ଆଶ୍ରମକୁ ଗତି କରେ ସେତେବେଳେ ତାକୁ ଅନେକ ଗୁଡ଼ିଏ ନିୟମ ଓ ନିଷ୍ଠାଗୁଡିକର ପ୍ରବୋଧ କରାଯାଏ।ସେଗୁଡିକ ଆମକୁ ଏହି ଉପନିଷଦର ନବମ ଅନୁବାକରେ ଦେଖିବାକୁ ପାଇଥାଉ।ତନ୍ମଧ୍ୟରୁ ଇନ୍ଦ୍ରିୟ ସଂଯମ ଏକ ସାଧନା।ଇନ୍ଦ୍ରିୟ ସଂଯମ ଦ୍ୱାରା ଶରୀର ସ୍ୱସ୍ଥ ରହେ।ଏହି ଶାରୀରିକ କ୍ଷମତା ଦ୍ୱାରା ଜପ,ତପ, ଧ୍ୟାନ, ସେବା ଭଳି ଅନେକ ସତ୍କର୍ମ ଆଚରଣ କରି ମନକୁ ସ୍ଥିର ଓ ଏକାଗ୍ରଚିତ୍ତ କରିବା ଦ୍ୱାରା ମୋକ୍ଷପ୍ରାପ୍ତି କରାଯାଇପାରେ।

ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଦ୍ଵାରା ରଚିତ ବିବେକଚୂଡ଼ାମଣିର ସାଧନା ଚତୁଷ୍ଟୟ ଅଧାୟର ୨୩ଶ୍ଳୋକରେ ଏପରି କୁହାଯାଇଛି।ସେହିପରି ଶ୍ରୀଗୀତାଚାର୍ଯ୍ୟ କୃଷ୍ଣ ଭଗବାନ ଗୀତାର ୧୭ଅଧ୍ୟାୟ ୧୪ ରୁ ୧୬ ଶ୍ଳୋକ ମଧରେ ଶାରୀରିକ ତପ ବିଷୟରେ ଅର୍ଜୁନଙ୍କୁ ବୋଧନ କରିଛନ୍ତି।



ଭଗବାନ ଶ୍ରୀକୃଷ୍ଣ ଓ ଅର୍ଜୁନ

### କ) ଶାସ୍ତ୍ରୀୟ ପ୍ରମାଣ :-

***"ଵିଷୟେଭ୍ୟ ପରାଵର୍ତ୍ତ୍ୟ ସ୍ଥାପନଂ ସ୍ୱସ୍ୱଗୋଳକେ। ଉଭୟେଷାମିନ୍ଦ୍ରିୟାଣାଂ ସଦମଃପରିକୀର୍ତିତଃ"।***

ଉଭୟ କର୍ମେନ୍ଦ୍ରିୟ ଏବଂ  ଜ୍ଞାନେନ୍ଦ୍ରିୟମାନଙ୍କୁ ସେମାନଙ୍କର ବିଷୟ ବାସନାରୁ ଦୂର କରି ଏକ ପରିଧି ମଧରେ ରଖି ଆୟତ୍ତ କରିବା ହେଉଛି ଦମ।

ଶ୍ଳୋକ-***"ଦେବଦ୍ଵିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ"।***

(ଗୀ।ଶ୍ଳୋ।୧୭ଅ୧୪ଶ୍ଳୋ)

ଅର୍ଥ – ପରମାତ୍ମା,ବ୍ରାହ୍ମଣ,ଆଧାତ୍ମିକ ଗୁରୁ,ବିଜ୍ଞ ଏବଂ ଗୁରୁଜନମାନଙ୍କର ଉପାସନା ଯେତେବେଳେ ପବିତ୍ରତା,ବିନମ୍ରତା,ବ୍ରହ୍ମଚର୍ଯ୍ୟ ଏବଂ ଅହିଂସା ପୂର୍ବକ କରାଯାଇଥାଏ,ତାହାକୁ ଶାରୀରିକ ତପସ୍ୟା କୁହାଯାଏ ।

ଶ୍ଳୋ।। ***ଅନୁଦ୍‌ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।ସ୍ୱାଧାୟାଭ୍ୟସନଂ ଚୈବ ବାଙ୍‌ମୟଂ ତପ ଉଚ୍ୟତେ।***

(ଗୀ।ଶ୍ଳୋ।୧୭ଅ୧୫ଶ୍ଳୋ)

ଅର୍ଥ - ଯେଉଁ ବାଣୀ ଉଦ୍‌ବେଗ ଉତ୍ପନ୍ନ କରେ ନାହିଁ,ଯାହା ସତ୍ୟ,ସମ୍ମାନସୂଚକ,ହିତକାରୀ ଏବଂ ଯେଉଁ ବାଣୀ ନିୟମିତ ବେଦଶାସ୍ତ୍ର ଆବୃତ୍ତି କରିଥାଏ – ତାହା ବାଣୀର ସଂଯମ ରୂପେ ବିବେଚିତ ହୋଇଥାଏ ।

ଶ୍ଳୋ।।***ମନଃ ପ୍ରସାଦଃ ସୌମ୍ୟତ୍ଵଂ ମୌନମାତ୍ମବିନିଗ୍ରହଃ ।ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ।***

(ଗୀ।ଶ୍ଳୋ।୧୭ଅ୧୬ଶ୍ଳୋ)

ଅର୍ଥ - ଶୁଦ୍ଧ ବିଚାର, ଶିଷ୍ଟତା, ମୌନଭାବ, ଆତ୍ମ ସଂଯମ ଏବଂ ମହତ୍ ଉଦ୍ଦେଶ୍ୟ - ଏଗୁଡିକୁ ମାନସିକ ତପସ୍ୟା କୁହାଯାଏ ।

ଏହିପରି ଶାରୀରିକ ଓ ମାନସିକ ତପସ୍ୟା ମାଧମରେ ଇନ୍ଦ୍ରିୟଗୁଡିକୁ ଏକ ପରିଧି ମଧରେ ରଖି ଯେଉଁ  ଅନୁଭୂତି ପ୍ରାପ୍ତ ହୁଏ ତାହା ସ୍ୱାଧାୟ ରୂପରେ ପରିଗଣିତ ହୁଏ।ଏହି ସ୍ୱାଧାୟ ଆମର ଆଚାର ବ୍ୟବହାରରେ ପରିପ୍ରକାଶ

ହୁଏ।ଯାହା ସ୍ୱାଧ୍ୟାୟ ମାଧ୍ୟମରେ ପାଇଥାଉ ସେଗୁଡିକ ପୁଣି ନୂତନ ପିଢିକୁ ଗୁରୁ ଶିଷ୍ୟ ସମ୍ପର୍କରେ ପ୍ରବଚନ ବା ଶିକ୍ଷା ଦ୍ୱାରା ଆଗକୁ ବଢ଼ିଥାଏ।

**ଖ) ବୈଜ୍ଞାନିକ ପ୍ରମାଣ :–** ଅତ୍ୟନ୍ତ ପ୍ରଖର ଏବଂ କାନ ଶୁଣିପାରିବା ମାତ୍ରାଠୁ ବଢିକି ଶବ୍ଦ ବା soundsଗୁଡିକ ଶୁଣିବା ଦ୍ୱାରା ଶ୍ରବଣେନ୍ଦ୍ରିୟର କ୍ଷତି ଘଟୁଛି।

Mobile, Computer ଏବଂ TV ମାଧ୍ୟମରେ ଚକ୍ଷୁଗୁଡ଼ିକର ଶକ୍ତି ହ୍ରାସ ପାଉଛି।

Junk foods ଏବଂ Micro wave oven ରେ ବନାଯାଉଥିବା ଖାଦ୍ୟ ଖାଇବା ଦ୍ୱାରା ଜିହ୍ୱାରେ ଥିବା ସ୍ୱାଦକଣା ଲୋପପାଉଛି



ଖାଦ୍ୟ ପ୍ରଦୂଷଣ



ବାୟୁ ପ୍ରଦୂଷଣ



ଶବ୍ଦ ପ୍ରଦୂଷଣ




ଓଜନ୍ ସ୍ତର

Fridge ଏବଂ Air Conditioner ଭଳି luxury ବସ୍ତୁ ଉପଭୋଗ କରିବା ଦ୍ୱାରା ବାୟୁମଣ୍ଡଳରେ ଥିବା ozon ସ୍ତର ଘଟିବା ଯୋଗୁଁ ସୂର୍ଯ୍ୟ ରଶ୍ମିରୁ ଆସୁଥିବା Ultravoilet କିରଣ ସମସ୍ତ ପ୍ରାଣୀ କୋଟିରେ ଚର୍ମଜନିତ ବ୍ୟାଧିରେ

ବିସ୍ତାର ଦେଖାଦେଉଛି।ବିଭିନ୍ନ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ମିଶି Air pollution ମାଧ୍ୟମରେ ଘ୍ରାଣେନ୍ଦ୍ରିୟକୁ ନଷ୍ଟ କରିବାରେ ଲାଗିଛି।

## ୫) ଆବଶ୍ୟକ ପ୍ରାମାଣିକତା :–

ଶାସ୍ତ୍ରୀୟ ଆଧାର–ଅଯୋଧ୍ୟାପତି ରାଜା ଦଶରଥ ତାଙ୍କର ଦଶଟି ଇନ୍ଦ୍ରିୟ ଉପରେ ସଂଯମ ଲାଭ କରିଥିବାରୁ ସେ ନିଜକୁ ଏକ ଯୋଗୀ ରୂପରେ ପରିଗଣିତ କରାଇ ପାରିଥିଲେ ଏବଂ ସ୍ୱୟଂ ଶ୍ରୀମନନାରାୟଣଙ୍କ ପ୍ରିୟଭାଜନ ହୋଇପାରିଥିଲେ।



ଭଗବାନ ଶ୍ରୀରାମ ଓ ରାବଣ

ସେହିପରି ଯଦି ଆମେ ରାବଣର ଦୃଷ୍ଟାନ୍ତକୁ ନେବା, ତାହାର ୧୦ଟି ମୁଣ୍ଡ ୧୦ଟି ଇନ୍ଦ୍ରିୟ ସହ ତୁଳନା କରାଯାଇପାରେ କିନ୍ତୁ ରାବଣ ସଦାସର୍ବଦା ନିଜର ଇନ୍ଦ୍ରିୟଗୁଡ଼ିକୁ

ଭୋଗବିଳାସରେ ଲିପ୍ତ ରଖି ଦୁଷ୍କର୍ମର ପରିଣାମସ୍ୱରୂପ ଦଶେନ୍ଦ୍ରିୟ ବିଜେତା ରାଜା ଦଶରଥ ପୁତ୍ର ଶ୍ରୀରାମଚନ୍ଦ୍ରଙ୍କ ହାତରେ ମୃତ୍ୟୁର ଶିକାର ହୋଇଥିଲା।

**୬)ଉପଭୋକ୍ତା :-** ସମସ୍ତ ଜନସାଧାରଣ ବିଶେଷ ଭାବରେ ଛାତ୍ର ଓ ଯୁବସମାଜ।

**୭) ଶ୍ରୀ ସତ୍ୟ ସାଇ ସେବା ସଂଗଠନର ଭୂମିକା :–** ପ୍ରାଚୀନ କାଳରୁ ସନାତନ ଧର୍ମର ଶିକ୍ଷା ଲାଭ କରିବା ପାଇଁ ଗୁରୁକୂଳମାନଙ୍କୁ ଆଧାର ଭାବରେ ନିଆଯାଉଥିଲା।ପିଲାମାନଙ୍କୁ ବାଲ୍ୟ ଅବସ୍ଥାରୁ ଉପନୟନାଦି ସଂସ୍କାର ସାରି ଗୁରୁକୂଳକୁ ପଠାଯାଉଥିଲା।ଶିଷ୍ୟମାନେ ସେଠାରେ ଗୁରୁସେବାରେ ତତ୍ପର ରହି ବେଦାଧ୍ୟୟନ କରୁଥିଲେ ଏବଂ ସେମାନେ ସଦାସର୍ବଦା ଇନ୍ଦ୍ରିୟ ସଂଯମ ପରି କଠୋର ସାଧନାଗୁଡିକୁ ଅତ୍ୟନ୍ତ ଶ୍ରଦ୍ଧା ଓ ସୁଲଭର ସହିତ କରିପାରୁଥିଲେ।

ଭଗବାନ ଶ୍ରୀସତ୍ୟସାଇ ତାଙ୍କର ସଂଗଠନ ଦ୍ୱାରା ବାଲବିକାଶ ନାମକ ଏକ ମହୋତ୍‌କୃଷ୍ଟ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ପ୍ରେମଭାବ ସହିତ ସଂପନ୍ନ କରିଆସୁଛନ୍ତି।ପ୍ରାଚୀନକାଳର ଶିଷ୍ୟମାନଙ୍କ ପରି ଏହି ନୂତନ ଯୁଗରେ ମଧ୍ୟ ଛୋଟିଆ ଛୋଟିଆ ଶ୍ଳୋକ ଓ ଗଳ୍ପ ମାଧ୍ୟମରେ ବେଦଗୁଡିକରେ ନିକ୍ଷିପ୍ତ ଅତି ଗୂଢ଼ ରହସ୍ୟଗୁଡ଼ିକୁ ଜାଣିପାରୁଛନ୍ତି।

ଏତଦ୍ ଦ୍ୱାରା ଆମେମାନେ ଜାଣିବା ପାଇଁ ଚେଷ୍ଟିତ ହେବାର ଅଛି ଯେ ଇନ୍ଦ୍ରିୟ ସଂଯମ ଭଳି ସାଧନା କୋମଳ ବୟସରୁ ଆରମ୍ଭ ହେବାର ଅଛି।

**୮)ଯୁଗାବତାର ଶ୍ରୀ ସତ୍ୟସାଇଙ୍କ ଆଶୀର୍ବାଦ ଓ ଦିବ୍ୟ ସମ୍ଭାଷଣ ସହ ସମ୍ପୃକ୍ତ :–**

ସ୍ୱାମୀଙ୍କ ଦ୍ୱାରା ପ୍ରଦତ୍ତ ନବବିଧି ଆଚରଣ ରୂପରେ ଦିଆଯାଇଥିବା ନଅଗୋଟି ରତ୍ନ ସ୍ୱରୂପ ନିର୍ଦ୍ଦେଶକୁ ଆମେ ଏହି ପ୍ରକଳ୍ପ ସହିତ ଜଡିତ କରିପାରିବା।ତନ୍ମଧ୍ୟରୁ କାମନାର ସୀମାଙ୍କନ କରି ତତ୍ଜନିତ ଅର୍ଥକୁ ସମାଜସେବାରେ ବିନିଯୋଗ କରିବା ଇନ୍ଦ୍ରିୟ ଦମନର ଦୃଷ୍ଟାନ୍ତ ପାଇପାରିବା।ପ୍ରତ୍ୟେହ ସାଇ ସାହିତ୍ୟ ଅଧ୍ୟୟନ ଦ୍ୱାରା ସ୍ୱାଧ୍ୟାୟର ଦୃଷ୍ଟାନ୍ତ ପାଇପାରିବା।ପାଠଚକ୍ରରେ ଯୋଗଦାନ କରିବା ଦ୍ୱାରା ପ୍ରବଚନ ମାଧ୍ୟମଟିକୁ ମଧ୍ୟ ପାଇପାରିବା।

**ଶ୍ରୀମୁଖ ନିସୃତବାଣୀ :-**

ଆମ ଇନ୍ଦ୍ରିୟମାନେ ସ୍ୱଭାବତଃ ଅନିୟନ୍ତ୍ରିତ ଭାବେ ଅସଂଯତ ଭାବେ ଏଣେତେଣେ ଦୌଡ଼ିବାରେ ଅଭ୍ୟସ୍ତ।ଯଦି ଅଶ୍ୱକୁ ତଥା ଅନ୍ୟ ପଶୁମାନଙ୍କୁ ସ୍ୱାଧୀନ ଭାବେ ବିଚରଣ କରିବାକୁ ଛାଡିଦିଆଯାଏ, ପରିଣତି ବିପଦପୂର୍ଣ୍ଣ ହେବ ନାହିଁକି?ତେଣୁ ଆମ୍ଭେମାନେ ଇନ୍ଦ୍ରିୟଗୁଡିକୁ ସଂଯତ କରିବା ଉଚିତ।ସେମାନଙ୍କୁ ଜଗି, ନିୟମାନୁସାରେ ତଥା ସତମାର୍ଗରେ ପରିଚାଳିତ କରିବାକୁ ପଡିବ।

ବିବେକର ସମୁଚିତ ବ୍ୟବହାର ଦ୍ୱାରା,କଣ ଠିକ୍, କଣ ଭୁଲ, କଣ କ୍ଷଣସ୍ଥାୟୀ ଓ କଣ ଚିରସ୍ଥାୟୀ ତାହା ଜାଣି, ଇନ୍ଦ୍ରିୟମାନଙ୍କୁ ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରିବାକୁ ପଡିବ।

ଦିବ୍ୟାତ୍ମସ୍ୱରୂପଗଣ, - ଏ ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି ପ୍ରଭୃତି ଆମ୍ଭେମାନେ ପରିଧାନ କରୁଥିବା ଗୋଟିଏ ଗୋଟିଏ ବସ୍ତ୍ର ସଦୃଶ।ସେଗୁଡ଼ିକ ଉପାଧି ମାତ୍ର।

ଯାହା ଦହନ ହୋଇଯାଏ ତାହା ଦେହ। ମୃତ୍ୟୁ ପରେ କେବଳ ଦେହକୁ ଦହନ କରିଦିଆଯାଏ ବୋଲି ତାକୁ ଦେହ କୁହାଯାଏ, ଏପରି ଅର୍ଥ କଲେ ହେବନାହିଁ।ବଞ୍ଚିବା ସମୟରେ ମଧ ଦେହ ଜଳିଜଳି ଯାଉଥାଏ।ଦୁଶ୍ଚିନ୍ତା ଓ ତ୍ରିତାପ ଦ୍ୱାରା ଏ ଦେହ ଦହନ ହେଉଥାଏ।

ଏହାର ଅନ୍ୟ ନାମ ଶରୀର। ଏହା ଅନବରତ କ୍ଷୟପ୍ରାପ୍ତ ହୋଇ ସରି ସରି ଯାଉଥାଏ। ଯେଉଁ ଶରୀର ଲଗାୟତ କ୍ଷୀଣ ହେବାରେ ଲାଗିଛି, ଯାହା ଦିନେନା ଦିନେ ଟଳି ପଡିବ, ସେ ଭଳି ଏକ ଶରୀର ମାଧମରେ ଚିରସ୍ଥାୟୀ ସୁଖ ଆଶାକରିବା ଏକ ବିରାଟ ଭୁଲ।

ଭଗବାନ ଆମ ଶରୀରରେ ପ୍ରତ୍ୟେକଟି ନିର୍ଦ୍ଦିଷ୍ଟ ଇନ୍ଦ୍ରିୟକୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଦାନ କରିଛନ୍ତି। ଆମେ ଯେତେବେଳେ ଏହି ଇନ୍ଦ୍ରିୟମାନଙ୍କୁ ତାଙ୍କ ଉଦ୍ଦିଷ୍ଟ ବ୍ୟବହାରରେ ଲଗାଇବା ସେତେବେଳେ ଈଶ୍ୱରଙ୍କ ଇଛା ପୂର୍ଣ୍ଣ ହେବ ଓ ତାଙ୍କ କୃପା ଲାଭ ହୋଇପାରିବ।

ମନୁଷ୍ୟର ପ୍ରତ୍ୟେକ ଇନ୍ଦ୍ରିୟ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଛି ତାହା ସେହି କର୍ମରେ ବ୍ୟବହୃତ ହେବା ଉଚିତ।

ଇନ୍ଦ୍ରିୟ ଗୁଡିକର ପ୍ରୟୋଜନବିଧି ପ୍ରଥମେ ସ୍ଥିରୀକୃତ ହେବ ଦରକାର ଓ ଉପଯୁକ୍ତ ମାର୍ଗରେ ନିୟନ୍ତ୍ରିତ ହେବ ଦରକାର।

ଭଗବାନ ଆମ୍ଭମାନଙ୍କୁ ନାକ ଦେଇଛନ୍ତି। ଶ୍ୱାସକ୍ରିୟା ମାଧମରେ ବାୟୁ ଗ୍ରହଣ ଓ ନିଷ୍କାସନ କରିବା ତଥା ଗନ୍ଧ ସେବନ କରିବା ପ୍ରଭୃତି କାମ ନାକ ର। କିନ୍ତୁ ଆମେ ଯଦି ନାକକୁ ନାସ ଶୁଙ୍ଘିବାରେ ବ୍ୟବହାର କରିବା ତେବେ ନାକ ପାଇବାର ଉଦ୍ଦେଶ୍ୟ ସାଧିତ ନ ହୋଇ ବୃଥା ହୋଇଯିବ।

ସେହିଭଳି ଭଗବାନ ଆମକୁ ଗୋଟିଏ ଜିଭ ଓ ପାଟି ଦେଇଛନ୍ତି, ସାତ୍ତ୍ୱିକ ପୁଷ୍ଟି ଯୁକ୍ତ ଖାଦ୍ୟ ଖାଇବା ପାଇଁ। କିନ୍ତୁ ଏହି ମୁଖକୁ ଯଦି ଆମେ ଅମେଧ ଭୋଜନ ଓ ନିଶା ସେବନରେ ବ୍ୟବହାର କରିବା ମୁଖର ଉଦ୍ଦେଶ୍ୟ ଓ ପବିତ୍ରତା ନଷ୍ଟ ହୋଇଯିବ।

ଏସବୁ କଥାକୁ ଦୃଷ୍ଟିରେ ରଖି ବିଚାର ବୁଦ୍ଧି ପ୍ରୟୋଗ କରି କେଉଁ ଉଦ୍ଦେଶ୍ୟରେ ଓ କେଉଁ ପ୍ରକାରେ ବିଭିନ୍ନ ଇନ୍ଦ୍ରିୟମାନଙ୍କୁ ବ୍ୟବହାର କରିବାକୁ ହେବ।

ଦିବ୍ୟାତ୍ମସ୍ୱରୂପଗଣ, ଦେହ ମୂଳତଃ ଏକ ଜଡ ପଦାର୍ଥ। ତୁମେ ପ୍ରଶ୍ନ କରିପାର, ଦେହ ଯଦି ଜଡ ତେବେ ଏହା ବଢୁଛି କିପରି? ଏହାର ଉତ୍ତର-ଆକାରରେ ବଢିବ ପାଇଁ ଜୀବନସତ୍ତା ଦରକାର ନାହିଁ। ପ୍ରତ୍ୟହ ତୁମେ ଯଦି ତୁମ ଘର

ଓଳାଇ ସାରି, ଅଳିଆ ତକ ଯଦି ଗୋଟିଏ ସ୍ଥାନରେ ପକାଇବ, ଦେଖିବା ଅଳ୍ପ ଦିନ ମଧ୍ୟରେ ତାହା ମଧ୍ୟ ବଢି ବଢି ବେଶ୍ ବଡ ଗଦାଟିଏ ହୋଇଯିବ। ଏ ଜଡ ଦେହ ବଢିବା ଗୋଟିଏ ସେହିଭଳି କଥା।

ପ୍ରତିଦିନ ସକାଳୁ ସଞ୍ଜ ଯାଏ ତୁମେ କିଛି ନା କିଛି ଖାଦ୍ୟ ପାନୀୟ ପ୍ରଭୃତି ଦେହ ଭିତରକୁ ଯୋଗାଇ ଚାଲିଛ। ଦେହକୁ ଖାଦ୍ୟ ଯୋଗାଣ ବନ୍ଦ କରିଦିଅ ଦେଖିବ ଦେହର ବଢିବା ମଧ୍ୟ ବନ୍ଦ ହୋଇଯିବ।

ଶରୀର ଜଡ ହୋଇଥିବାରୁ କି ଉପାୟରେ ଇନ୍ଦ୍ରିୟମାନଙ୍କୁ ସଂଯତ କରାଯାଇ ପାରିବ?

ଇନ୍ଦ୍ରିୟମାନଙ୍କୁ କୌଣସି ପ୍ରକାରେ ଉତ୍ତେଜିତ କରିବା ଉଚିତ ନୁହେଁ ବା ଦ୍ରୋହାଚରଣ କରିବାକୁ ଛାଡ଼ିଦେବା ଉଚିତ ନୁହେଁ, କାରଣ, ତାଫଳରେ କୌଣସି ଉଦ୍ଦେଶ୍ୟ ସାଧିତ ହୁଏନାହିଁ।

ଦୁଃଖ ଓ ଯାତନା ମଣିଷ ପକ୍ଷରେ ସ୍ୱାଭାବିକ ନୁହେଁ। ଆନନ୍ଦ ହିଁ ମଣିଷର ସ୍ୱଭାବ। ମଣିଷ ଭୁଲ ବଶତଃ ଭାବେ ଯେ ତା' କପାଳରେ କେବଳ ଦୁଃଖ ଭୋଗିବାକୁ ଅଛି। ଏହା ଫଳରେ ସେ ନିଜକୁ ନୈରାଶ୍ୟ ଭିତରକୁ ଠେଲିଦେଇ କିଛିହେଲେ ଫଳ ପାଏ ନାହିଁ। ଯଦି ଆମେ ଆମ ଇନ୍ଦ୍ରିୟଗୁଡିକୁ ଅଯଥା ଉତ୍ତେଜିତ ବା ଦୁଃଖିତ ହେବାକୁ ଦେବା, ଆମ ଶକ୍ତି ଓ ତେଜ ଦୂଷିତ ଓ ଦୁର୍ବଳ ହୋଇଯିବ।

ମନର ଆଲୋଡନ ଓ ଉତ୍ତେଜନା ପାଇଁ ଶରୀର ରୋଗାକ୍ରାନ୍ତ ହୁଏ। ନିଜକୁ ଦୁଃଖିତ ଓ ଉତ୍ତେଜିତ କରି ମଣିଷ ଅତିଶୀଘ୍ର, ଅକାଳରେ ବୃଦ୍ଧ ହୋଇଯାଉଛି। ଅମୂଲ୍ୟ ମାନବ ଜୀବନ ବିନଷ୍ଟ ହୋଇଯିବାର କାରଣ ହେଉଛି ଇନ୍ଦ୍ରିୟ ସଂଯମର ଅଭାବ। ତେଣୁ ଇନ୍ଦ୍ରିୟ ସଂଯମ ଓ ଇନ୍ଦ୍ରିୟ ନିଗ୍ରହ ଦ୍ୱାରା ଈଶ୍ୱରଙ୍କୁ ପ୍ରାପ୍ତ କରିବା ଅତୀବ ଗୁରୁତ୍ୱପୂର୍ଣ୍ଣ।

***ଅଷ୍ଟପୁଷ୍ପ – ଶ୍ରୀ ସତ୍ୟ ସାଇ ଦିବ୍ୟ ସମ୍ଭାଷଣ***

**୦୯) ଉପସଂହାର :–** ଅମ୍ରୋପଲବ୍ଧି ପାଇବା ପାଇଁ ଇନ୍ଦ୍ରିୟ ସଂଯମ ହେଉଛି ପ୍ରଥମ ସୋପାନ। ଏହା ପାଳନ କରିବା ଦ୍ୱାରା ବୁଦ୍ଧିର ବିକାଶ ଘଟେ, ଶାରୀରିକ କ୍ଷମତା ବୃଦ୍ଧି ପାଏ, ଚିତ୍ତ ଶୁଦ୍ଧି ହୁଏ। ଏସବୁ ହେବ ଦ୍ୱାରା ସତ୍ ସଂକଳ୍ପ ଓ ସତ୍ ଚିନ୍ତା ମାର୍ଗରେ ପ୍ରବେଶ କରି ସେଗୁଡ଼ିକ ସତ୍ କର୍ମରେ ପରିଣତ କରିବା ଦ୍ୱାରା ଅମ୍ରୋପଲବ୍ଧି ହୁଏ। କେବଳ ମନୁଷ୍ୟକୁ ମାତ୍ର ମିଳିଥିବା ଏପରି ଏକ ଉତ୍କୃଷ୍ଟ ଅବକାଶକୁ ହାସଲ କରିବାକୁ ହେଲେ ଇନ୍ଦ୍ରିୟ ସଂଯମ ହିଁ ଏକମାତ୍ର ମାର୍ଗ। ଏହାକୁ ସେ ଉପଲବ୍ଧି କରିବା ହେତୁ ବେଦାଧ୍ୟୟନ ହିଁ ଏକମାତ୍ର ଉତ୍ତମୋତ୍ତମ ମାର୍ଗ ଏବଂ ଏହାକୁ ଅଧ୍ୟୟନ କରିବା ଦ୍ୱାରା ସେ ଯେଉଁ ଉପଲବ୍ଧି ଗୁଡିକୁ ପାଏ ସେସବୁ ପ୍ରବଚନ ମାଧ୍ୟମରେ ଆଗାମୀ ପିଢୀକୁ ପହଞ୍ଚାଇବାର କର୍ତ୍ତବ୍ୟ ସମ୍ପାଦନ କରି ମୋକ୍ଷପ୍ରାପ୍ତ ପାଇଥାଏ। ଏହି ପ୍ରକ୍ରିୟା କୁ ବେଦରେ କୁହାଯାଇଛି "ଦମଶ୍ଚ ସ୍ୱାଧ୍ୟାୟ ପ୍ରବଚନେଚ"।

## ୧୦) ଗ୍ରନ୍ଥ ସୂଚୀ :-

| କ୍ର.ସଂ. | ପୁସ୍ତକର ନାମ | ପୃଷ୍ଠା ସଂଖ୍ୟା | ଲେଖକଙ୍କର ନାମ | ପ୍ରକାଶକ | ପ୍ରକାଶନ ବର୍ଷ |
|---|---|---|---|---|---|
| ୧ | ଅଷ୍ଟପୁଷ୍ପ | | | ଶ୍ରୀ ସତ୍ୟସାଇ ପୁସ୍ତକ ନ୍ୟାସ ,ଓଡିଶା | |
| ୨ | ବିବେକ ଚୁଡାମଣି | | | | |
| ୩ | ଶ୍ରୀମଦ୍ ଭଗବତ ଗୀତା | | | | |
| ୪ | Google Website | | | | |

# ସମର୍ପଣ

ହେ ବେଦ ସ୍ୱରୂପିଣୀ ,ଦିବ୍ୟ ପ୍ରେମମୟୀ ସାଇ ଜନନୀ, ବେଦ ମାନଙ୍କର ଅକ୍ଷର ରୂପରେ ସ୍ୱର୍ଣ୍ଣାକ୍ଷରର ଅଧିକାରିଣୀ ସାଇ ବିଦ୍ୟାପ୍ରଦାୟିନୀ ଆପଣଙ୍କର ଅହେତୁକ କୃପା ଓ ଦିବ୍ୟାଶୀର୍ବାଦରୁ ଆପଣ ସ୍ୱୟଂ ନିଜର ଦିବ୍ୟ ଉପସ୍ଥିତିରେ ଦିଗ୍-ଦର୍ଶନ ପ୍ରଦାନ କରି ଏହି ସମ୍ପୂର୍ଣ୍ଣ ପ୍ରକଳ୍ପଟିକୁ ପୂର୍ଣ୍ଣ କରାଇବାରେ ସହାୟକ ହୋଇଥିବାରୁ, ସେହି ଦିବ୍ୟ ଅଭୟ ଚରଣକମଳରେ ଭକ୍ତିପୂତ ବିନମ୍ର ପ୍ରଣାମ ଅର୍ପଣ କରି ଆପଣଙ୍କଦ୍ୱାରା ପ୍ରଦତ୍ତ ଏବଂ ସମ୍ପାଦିତ ଏହି ପ୍ରକଳ୍ପଟିକୁ ଆପଣଙ୍କ ନିକଟରେ ସମର୍ପଣ କରୁଛୁ ।



**ଜୟ ସାଇରାମ୍**